# NATIONAL NEWS BULLETIN (ODIA)

**26 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବୀର୍ ବାଲ୍ ଦିବସ ଅବସରରେ ୧୭ଜଣ ଶିଶୁଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

- ପ୍ରଖ୍ୟାତ ମାଲାୟାଲମ୍ ଲେଖକ ତଥା ଚଳଚ୍ଚିତ୍ର ନିର୍ମାତା ଏମ୍.ଟି. ବାସୁଦେବନ୍ ନାୟାରଙ୍କ ୯୧ ବର୍ଷ ବୟସରେ ପରଲୋକ ।

—ଶୋକ ପ୍ରକାଶ କଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

- ସୁଲଭ ଓ ଶସ୍ତା ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ଜାତୀୟ ଆୟୁଷ ମିଶନ, କହିଲେ କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ

ଏବଂ

- ବର୍ଡର ଗାଭାସ୍କର ଟ୍ରଫିରେ ଚତୁର୍ଥ ଟେଷ୍ଟମ୍ୟାଚର ପ୍ରଥମ ଦିନରେ ୬ ଓ୍ୱିକେଟ୍ ହରାଇ ୩୧୧ ରନ୍ କରିଛି ଅଷ୍ଟ୍ରେଲିଆ

---

## ପ୍ରେଜ୍-ବାଲ୍ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ୭ଟି ବର୍ଗରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୧୭ ଜଣ ଶିଶୁଙ୍କୁ **ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର** ପ୍ରଦାନ କରିଛନ୍ତି। କଳା ଓ ସଂସ୍କୃତି,

ସାହସିକତା, ଉଦ୍ଭାବନ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ସମାଜସେବା, କ୍ରୀଡ଼ା ଓ ପରିବେଶ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୪ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ଆସିଥିବା ଏହି ପିଲାମାନଙ୍କୁ ପୁରସ୍କୃତ କରାଯାଇଛି। ପ୍ରତ୍ୟେକ ପୁରସ୍କାର ବିଜେତାଙ୍କୁ ଗୋଟିଏ ପଦକ, ପ୍ରମାଣପତ୍ର ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

ଏହି ଅବସରରେ ଆୟୋଜିତ ସଭାକୁ ସମ୍ବୋଧିତ କରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବୀର ବାଲ ଦିବସରେ ସାହିବଜାଦାଙ୍କ ସାହସିକତା ଓ ବଳିଦାନକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିଖ୍ ମାନଙ୍କର ଦଶମ ଗୁରୁ ଗୁରୁ ଗୋବିନ୍ଦ ସିଂହଙ୍କ ସାନ ପୁତ୍ରଙ୍କ ଅତୁଳନୀୟ ତ୍ୟାଗ ଏବଂ ସାହସକୁ ସମ୍ମାନ ଜଣାଇ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଏ ବୋଲି ସେ କହିଥିଲେ।

ପୁରସ୍କାର ପାଇଥିବା ପିଲାମାନଙ୍କୁ ଅଭିନନ୍ଦନ ଜଣାଇ ରାଷ୍ଟ୍ରପତି କହିଥିଲେ ଯେ ସେମାନଙ୍କ କାର୍ଯ୍ୟ ଅସାଧାରଣ ଏବଂ ଆଶ୍ଚର୍ଯ୍ୟଜନକ। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ଅତୁଳନୀୟ ଗୁଣ ରହିଛି ଏବଂ ସେମାନଙ୍କର ସଫଳତା ଦେଶର ସମସ୍ତ ନାଗରିକଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ନାଗରିକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ମାଧ୍ୟମରେ ବ୍ୟାପକ ଭାବେ ଏହି ଉପଲବ୍ଧିଗୁଡ଼ିକୁ ଜଣାଇବାକୁ ରାଷ୍ଟ୍ରପତି ସମସ୍ତଙ୍କୁ ଅନୁରୋଧ କରିଥିଲେ।

## ପିଏମ୍-ବୀର ବାଲ୍ ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବୀର ବାଲ ଦିବସରେ ସାହିବଜାଦାଙ୍କ ଅତୁଳନୀୟ ସାହସିକତା ଏବଂ ବଳିଦାନକୁ ସ୍ମରଣ କରିଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି

ଯେ, କମ୍ ବୟସରେ ସେମାନେ ନିଜ ବିଶ୍ୱାସ ଓ ନୀତିରେ ଦୃଢ଼ ରହିଥିଲେ ଏବଂ ଅନ୍ୟ ପିଢ଼ିକୁ ପ୍ରେରଣା ଦେଇଥିଲେ। ସେମାନଙ୍କ ବଳିଦାନ ବୀରତ୍ୱର ଏକ ଜ୍ୱଳନ୍ତ ଉଦାହରଣ ଏବଂ ନିଜ ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧତା ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ' ମାତା ଗୁଜରୀ ଏବଂ ଶ୍ରୀ ଗୁରୁ ଗୋବିନ୍ଦ ସିଂଙ୍କ ସାହସିକତାକୁ ମଧ୍ୟ ସ୍ମରଣ କରିଥିଲେ। ସେମାନଙ୍କ କାର୍ଯ୍ୟ ଅଧିକ ନ୍ୟାୟସମ୍ପନ୍ନ ଏବଂ ଦୟାଳୁ ସମାଜ ଗଠନ ଦିଗରେ ଲୋକଙ୍କୁ ମାର୍ଗଦର୍ଶନ କରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନିଜ ଉଦ୍‌ବୋଧନରେ କହିଛନ୍ତି ଭାରତର ପ୍ରଗତିରେ ଯୁବଶକ୍ତିର ପ୍ରମୁଖ ଭୂମିକା ରହିଛି । ସ୍ୱାଧୀନତା ସଂଗ୍ରାମରୁ ଆରମ୍ଭ କରି ଏକବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ହୋଇଥିବା ପ୍ରତ୍ୟେକଟି ଜନଆନ୍ଦୋଳନରେ ଆମ ଯୁବଶକ୍ତିର ଭୂମିକା ଅତୁଳନୀୟ ବୋଲି ଶ୍ରୀ ମୋଦୀ କହିଛନ୍ତି ।

---

# ଏମ୍‌ଟି ବାସୁଦେବନ ନାୟାର

ଏମ୍.ଟି ନାମରେ ପରିଚିତ ପ୍ରଖ୍ୟାତ ମାଲାୟାଲମ ଲେଖକ ତଥା ଚଳଚ୍ଚିତ୍ର ନିର୍ମାତା ଏମ୍ ଟି ବାସୁଦେବନ ନାୟାରଙ୍କର ଗତକାଲି ରାତିରେ କୋଝିକୋଡ଼ର ଏକ ଘରୋଇ ଡାକ୍ତରଖାନାରେ ଦେହାନ୍ତ ହୋଇଛି। ତାଙ୍କୁ ୯୧ ବର୍ଷ ହୋଇଥିଲା। ଏମଟି କିଛି ଦିନ ଧରି ଅସୁସ୍ଥ ଥିଲେ ଏବଂ ଚଳିତ ମାସ ୧୫ ତାରିଖରୁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ।

ଜଣେ ଉତ୍କୃଷ୍ଟ ଏବଂ ବହୁମୁଖୀ କାହାଣୀକାର ଭାବେ ଏମଟିଙ୍କର ସାହିତ୍ୟ ଏବଂ ସିନେମା କୃତି ମାଲାୟାଲମ ସାହିତ୍ୟ ଏବଂ ସିନେମା

ଉପରେ ଗଭୀର ପ୍ରଭାବ ପକାଇଥିଲା । ତାଙ୍କର ପ୍ରମୁଖ କୃତି ଗୁଡ଼ିକ ହେଲା ନାଲୁକେଟୁ, କାଲାମ, ମଞ୍ଜୁ, ଅସୁରଭିଥୁ ଓ ରାଣ୍ଡାମୁଝମ । ତାଙ୍କ କୃତି ବିଭିନ୍ନ ଭାଷାରେ ଅନୁଦିତ ହୋଇଛି । କେତେକ ଚଳଚ୍ଚିତ୍ରର ପ୍ରଯୋଜକ ଏବଂ ନିର୍ଦ୍ଦେଶକ ହେବା ବ୍ୟତୀତ, ଏମଟି ନିର୍ମଲମ୍, ଓରୁ ବଡ଼କ୍କନ ବୀରଗାଥା, ପରିନାୟମ୍, ସଦୟାମ ଏବଂ କଦାଭୁ ଚଳଚ୍ଚିତ୍ରର ଚିତ୍ରନାଟ୍ୟ ରଚନା ଅନେକ ସମାଲୋଚକଙ୍କ ଦ୍ୱାରା ପ୍ରଶଂସିତ ହୋଇଛି ।

୨୦୦୫ ମସିହାରେ ଜ୍ଞାନପୀଠ ପୁରସ୍କାରରେ ସମ୍ମାନିତ ଏମଟିଙ୍କୁ ପଦ୍ମଭୂଷଣ, କେରଳ ଜ୍ୟୋତି, କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ କେରଳ ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଏହାବ୍ୟତୀତ ସେ ଭାୟାଲାର ପୁରସ୍କାର, ଭାଲାଥୋଲ ପୁରସ୍କାର, ଏଜୁଥାଚାନ ପୁରସ୍କାର, ଓଡାକୁଜାଲ ପୁରସ୍କାର ଏବଂ ମାଲାୟାଲମ ସିନେମାରେ ଜୀବନବ୍ୟାପୀ ସାଧନା ପାଇଁ ଜେସି ଡାନିଏଲ ପୁରସ୍କାରରେ ସମ୍ମାନିତ ହୋଇଥିଲେ ।

---

# ପ୍ରେଜ୍-ନାୟାର

ବିଶିଷ୍ଟ ମାଲାୟାଲମ ଲେଖକ ଏମ୍ ଟି ବାସୁଦେବନ ନାୟାରଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି ଯେ ଏମ୍ ଟି ବାସୁଦେବନ ନାୟାରଙ୍କ ବିୟୋଗରେ ସାହିତ୍ୟ ଜଗତ ଜଣେ ବିଜ୍ଞ ସାହିତ୍ୟିକଙ୍କୁ ହରାଇଛି । ତାଙ୍କ ଲେଖାରେ ଗ୍ରାମୀଣ ଭାରତ ଜୀବନ୍ତ ହୋଇଛି ବୋଲି ସେ କହିଛନ୍ତି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ଏମ୍ ଟି ବାସୁଦେବନ ନାୟାରଙ୍କୁ ପ୍ରମୁଖ ସାହିତ୍ୟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା ଏବଂ ଚଳଚ୍ଚିତ୍ର କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ

ଥିଲା। ପ୍ରସିଦ୍ଧ ମାଲାୟାଲମ ଲେଖକଙ୍କୁ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଛି ବୋଲି ସେ କହିଛନ୍ତି। ଏମ୍.ଟି ବାସୁଦେବନ ନାୟରଙ୍କ ପରିବାର ସଦସ୍ୟ, ପାଠକ ଓ ପ୍ରଶଂସକଙ୍କୁ ସେ ସମବେଦନା ଜଣାଇଛନ୍ତି।

## ଭିପି-ନାୟାର

ପଦ୍ମଭୂଷଣ ପୁରସ୍କାର ପ୍ରାପ୍ତ ତଥା ମାଲାୟାଲମ ସାହିତ୍ୟ ଓ ସିନେମାର ଜଣେ ମହାନ ବ୍ୟକ୍ତି ଏମ୍ ଟି ବାସୁଦେବନ ନାୟାରଙ୍କ ବିୟୋଗରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଦୁଃଖ ପ୍ରକାଶ କରିଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଧନଖଡ଼ କହିଛନ୍ତି ଯେ ତାଙ୍କର କୃତି ଗ୍ରାମୀଣ ଭାରତକୁ ସ୍ୱଷ୍ଟ ଭାବରେ ଚିତ୍ରଣ କରିଛି ଯାହା ଭାରତର ସାହିତ୍ୟ ଏବଂ ସିନେମା ଐତିହ୍ୟକୁ ସମୃଦ୍ଧ କରିଛି। ସାଂସ୍କୃତିକ ଦୃଶ୍ୟପଟରେ ଏମ.ଟି.ବାସୁଦେବନ ନାୟାରଙ୍କ ଅବଦାନ ପରବର୍ତ୍ତୀ ପିଢ଼ି ଅନୁଭବ କରିବ ବୋଲି ସେ କହିଛନ୍ତି।

## ପିଏମ୍-ନାୟାର

ବିଶିଷ୍ଟ ଲେଖକ ଏମ୍.ଟି ବାସୁଦେବନ ନାୟାରଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଯେ ଏମଟି ବାସୁଦେବନ ନାୟାର ମାଲାୟଲମ ସିନେମା ଏବଂ ସାହିତ୍ୟର ଅନ୍ୟତମ ସମ୍ମାନଜନକ ବ୍ୟକ୍ତିତ୍ୱ ଥିଲେ। ମାନବିକ ଭାବନାର ଗଭୀର ଅନୁସନ୍ଧାନ ସହିତ ତାଙ୍କ କାର୍ଯ୍ୟ ଅନେକଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ସେ ଅବହେଳିତ ଓ ବଂଚିତଙ୍କ ସ୍ୱର ପାଲଟିଥିଲେ। ସେ ତାଙ୍କ

ପରିବାର ଏବଂ ଏମ୍ ଟି ବାସୁଦେବନ ନାୟାରଙ୍କ ପ୍ରଶଂସକଙ୍କୁ ସମବେଦନା ଜଣାଇଛନ୍ତି।

---

## ନାୟାର- ମର୍ଣ୍ଣିଂ

ପ୍ରଖ୍ୟାତ ମାଲାୟାଲମ ଲେଖକ ଏମ୍.ଟି ବାସୁଦେବନ ନାୟରଙ୍କ ପରଲୋକ ପରେ କେରଳ ସରକାର ଆଜି ଓ ଆସନ୍ତାକାଲି ଦୁଇ ଦିନିଆ ଶୋକ ଘୋଷଣା କରିଛନ୍ତି। ଆଜି ହେବାକୁ ଥିବା କ୍ୟାବିନେଟ୍ ବୈଠକ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି।

ରାଜ୍ୟପାଳ ଆରିଫ ମହମ୍ମଦ ଖାନ୍ ଜ୍ଞାନପୀଠ ବିଜେତା ଏମ୍ ଟି ବାସୁଦେବନ ନାୟାରଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି ଯେ ଏମଟିଙ୍କ ବିୟୋଗ ଉଭୟ ମାଲାୟାଲମ ଏବଂ ଭାରତୀୟ ସାହିତ୍ୟ ପାଇଁ ଏକ ଗଭୀର କ୍ଷତି।

କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ବିଶିଷ୍ଟ ଲେଖକଙ୍କ ବିୟୋଗକୁ ରାଜ୍ୟ ପାଇଁ, ବିଶେଷ କରି ମାଲାୟାଲମ ସାହିତ୍ୟ ପାଇଁ ଏକ ବଡ଼ କ୍ଷତି ବୋଲି କହିଛନ୍ତି। ସେ କହିଛନ୍ତି ଯେ ଏମଟିଙ୍କ ଲେଖାରେ ଲୋକଙ୍କ ଜୀବନର ଜଟିଳତା ଏବଂ ସୌନ୍ଦର୍ଯ୍ୟ ପ୍ରତିଫଳିତ ହୋଇଛି।

ଅନ୍ୟପକ୍ଷରେ ଆଜି ସନ୍ଧ୍ୟାରେ କୋଝିକୋଡ଼ର ମାବୁର ରୋଡ୍ ଶ୍ମଶାନରେ ଏମଟିଙ୍କ ଅନ୍ତିମ ସଂସ୍କାର କରାଯିବ।

---

## ଆୟୁଷ ମିଶନ

ଜାତୀୟ ଆୟୁଷ ମିଶନ  ସୁଲଭ ଏବଂ ଶସ୍ତା ସ୍ୱାସ୍ଥ୍ୟସେବା ଯୋଗାଇ ଦେବା କ୍ଷେତ୍ରରେ  ପ୍ରମୁଖ ଭୂମିକା ଗ୍ରହଣ କରିଛି ।  କେନ୍ଦ୍ର ଆୟୁଷ

ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବ ଜାତୀୟ ଆୟୁଷ ମିଶନର ଉଲ୍ଲେଖନୀୟ ଅଗ୍ରଗତି ଏବଂ ପରିବର୍ତ୍ତନକାରୀ ପ୍ରଭାବ ପ୍ରଦର୍ଶନ କରି **'ସମସ୍ତଙ୍କ ପାଇଁ ଆୟୁଷ: ଜାତୀୟ ଆୟୁଷ ମିଶନ ମାଧ୍ୟମରେ ସାମଗ୍ରିକ ସ୍ୱାସ୍ଥ୍ୟ ସେବା'** ଶୀର୍ଷକ ଏକ ଚଳଚ୍ଚିତ୍ର ଧାରାବାହିକ ଉନ୍ମୋଚନ କରିବା ଅବସରରେ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଏହି ଚଳଚ୍ଚିତ୍ର ଧାରାବାହିକ ସରକାରଙ୍କ ପଦକ୍ଷେପ ବିଷୟରେ ସୂଚନାକୁ ଜନସାଧାରଣଙ୍କ ନିକଟରେ ସହଜରେ ପହଞ୍ଚାଇବା ଦିଗରେ ଏକ ପଦକ୍ଷେପ, ଯାହା ରୋଗ ବୋଝକୁ ହ୍ରାସ କରିବା ଏବଂ ସମଗ୍ର ଦେଶରେ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ ଆୟୁଷର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଦର୍ଶିତ କରୁଛି ।

ଏହି ଧାରାବାହିକରେ ବାସ୍ତବ ଜୀବନରେ ପରିବର୍ତ୍ତନର କାହାଣୀ ଉପରେ ଆଲୋକପାତ କରାଯାଇଛି, ଯେଉଁଥିରେ ଦର୍ଶାଯାଇଛି ଯେ କିପରି ଜାତୀୟ ଆୟୁଷ ମିଶନ, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ସହଯୋଗରେ ସ୍ୱାସ୍ଥ୍ୟସେବା ଉପଲବ୍ଧତାରେ ଉନ୍ନତି ଆଣିଛି ଏବଂ ଗ୍ରାମୀଣ ଓ ଅବହେଳିତ ଜନସଂଖ୍ୟା ପାଇଁ ଖର୍ଚ୍ଚ ହ୍ରାସ କରିଛି।

ଆୟୁଷ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାଧ୍ୟମରେ ପ୍ରତିଷେଧକ ସେବାକୁ ପ୍ରୋତ୍ସାହିତ କରିବା ଏବଂ ଆୟୁଷ ବ୍ୟବସ୍ଥାକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଜାତୀୟ ଆୟୁଷ ମିଶନର ଲକ୍ଷ୍ୟ ବୋଲି ମନ୍ତ୍ରଣାଳୟ କହିଛି।

# ଉଦ୍ଧମ ସିଂ-ବାର୍ଥ ଆନିଭର୍ସାରୀ

ସହିଦ ଉଦ୍ଧମ ସିଂହଙ୍କ ଆଜି ୧୨୫ତମ ଜୟନ୍ତୀ ଅବସରରେ ସାରା ଦେଶ ତାଙ୍କୁ ସ୍ମରଣ କରୁଛି। ଅବିଭକ୍ତ ଭାରତର ପଞ୍ଜାବର ସୁନାମ ଗ୍ରାମରେ ୧୮୯୯ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିବା ଏହି ବିପ୍ଳବୀ ପଞ୍ଜାବର ତତ୍କାଳୀନ ଲେଫ୍ଟନାଣ୍ଟ ଗଭର୍ଣ୍ଣର ମାଇକେଲ ଓ'ଡ୍ୱାୟାରଙ୍କୁ ହତ୍ୟା କରି ଜାଲିଆନାୱାଲା ବାଗ ହତ୍ୟାକାଣ୍ଡର ପ୍ରତିଶୋଧ ନେଇଥିଲେ। ଇଂରେଜମାନଙ୍କ ହେପାଜତରେ ଥିବା ବେଳେ ସେ 'ରାମ ମହମ୍ମଦ ସିଂହ ଆଜାଦ' ନାମ ବ୍ୟବହାର କରିଥିଲେ, ଯାହା ଭାରତର ତିନୋଟି ପ୍ରମୁଖ ଧର୍ମ ଏବଂ ତାଙ୍କ ଉପନିବେଶ ବିରୋଧୀ ଭାବନାର ପ୍ରତିନିଧିତ୍ୱ କରୁଥିଲା।

# ସେକ୍ରେଟାରୀ ଆପଏଣ୍ଟମେଣ୍ଟ

୧୯୯୨ ବ୍ୟାଚ୍ ବିହାର କ୍ୟାଡର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅରୁଣିଶ ଚାୱ୍ଲାଙ୍କୁ ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ସଚିବ ଭାବେ ନିଯୁକ୍ତ କରାଯାଇଛି। ଶ୍ରୀ ଚାୱ୍ଲା ବର୍ତ୍ତମାନ ରାସାୟନିକ ଏବଂ ସାର ମନ୍ତ୍ରଣାଳୟରେ ଔଷଧ ବିଭାଗର ସଚିବ ଭାବରେ କାର୍ଯ୍ୟ କରୁଛନ୍ତି । ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟି ଅଫ୍ ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ ଅଗ୍ରୱାଲଙ୍କୁ ଔଷଧ ବିଭାଗରେ ସଚିବ ଭାବେ ନିଯୁକ୍ତ କରାଯାଇଛି। ମଣିପୁରର ମୁଖ୍ୟ ଶାସନ ସଚିବ ବିନୀତ ଯୋଶୀଙ୍କୁ ଉଚ୍ଚଶିକ୍ଷା ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ନୀରଜା ଶେଖର ଜାତୀୟ ଉତ୍ପାଦକତା ପରିଷଦର ମହାନିର୍ଦ୍ଦେଶକ ହେବେ। ବୟନ ଶିଳ୍ପ ସଚିବ ରଚନା ଶାହଙ୍କୁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗର ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଜାତୀୟ ସଂଖ୍ୟାଲଘୁ ଆୟୋଗର ସଚିବ ନୀଲମ ଶମ୍ମି ରାଓ ନୂଆ ବୟନ ସଚିବ

ହେବେ । ସଞ୍ଜୟ ସେଠୀଙ୍କୁ ଜାତୀୟ ସଂଖ୍ୟାଲଘୁ ଆୟୋଗର ସଚିବ ଭାବେ ନିଯୁକ୍ତି ଦିଆଯାଇଛି ।

## ସୁନାମି-ଆନିଭର୍ସରୀ

୨୦୦୪ ଡିସେମ୍ବର ୨୬ରେ ଦକ୍ଷିଣ ଭାରତ ଉପକୂଳରେ ଆସିଥିବା ସୁନାମିର ଆଜି ୨୦ତମ ବାର୍ଷିକୀ, ଯେଉଁଥିରେ ତାମିଲନାଡୁ ଏବଂ ପୁଡୁଚେରୀରେ ହଜାର ହଜାର ଲୋକ ପ୍ରାଣ ହରାଇଥିଲେ। ଇଣ୍ଡୋନେସିଆର ସୁମାତ୍ରା ନିକଟରେ ୯.୧ ତୀବ୍ରତାର ଭୂମିକମ୍ପ ପରେ ସୃଷ୍ଟି ହୋଇଥିବା ଏହି ସୁନାମି ଇତିହାସର ସବୁଠାରୁ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରୁ ଅନ୍ୟତମ ଥିଲା।

## କ୍ରିକେଟ୍ : ଇଣ୍ଡିଆ-ଅଷ୍ଟ୍ରେଲିଆ

ବ୍ରିସ୍‌ବେନ୍‌ରେ ଆଜି ଆରମ୍ଭ ହୋଇଥିବା ବର୍ଡ଼ର ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟର ପ୍ରଥମଦିନର ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ୬ ୱିକେଟ ହରାଇ ୩୧୧ ରନ୍ କରିଛି । ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା । ଅଷ୍ଟ୍ରେଲିଆର ମାର୍ନେସ୍ ଲାବୁ ସାନେ ସର୍ବାଧିକ  ୭୨ ରନ୍ ସ୍କୋର କରିଥିବା ବେଳେ  ଷ୍ଟିଭେନ୍ ସ୍ମିଥ୍ ୬୮ ଓ ସାମ୍ କୋନ୍‌ଷ୍ଟାସ୍ ୬୦ ରନ୍ ସ୍କୋର କରିଛନ୍ତି । ଭାରତୀୟ ବୋଲର ଯଶପ୍ରୀତ୍ ବୁମ୍‌ରା ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଆକାଶଦୀପ୍, ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ୍ ସୁନ୍ଦର ଗୋଟିଏ ଲେଖାଏଁ ୱିକେଟ୍ ନେଇଛନ୍ତି ।

୪ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତିଥିବା ବେଳେ ତୃତୀୟ ଟେଷ୍ଟ ଡ୍ର ରହିଥିଲା ।